### ପୌର ପରିଷଦର କୋହଳ ମନୋବୃତ୍ତି, ଖାଲି ପଡୁଛି ପିଣ୍ଡି

# ଆମିଷ ବଜାରରୁ ମୁହଁ ଫେରାଇଲେଣି ବ୍ୟବସାୟୀ

ନୟାଗଡ଼,୪ା୧(ସମିସ)

ନୟାଗଡ଼ ପୌର ପରିଷଦ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଆମିଷ ବଜାର ନିର୍ମାଣ କରାଗଲା। ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦୁଇବର୍ଷ ସମୟ ଲାଗିଲା। ସହରର ଅନ୍ୟ କୌଣସି ସ୍ଥାନରେ ମାଛମାଂସ ବିକ୍ରି ହୋଇପାରିବ ନାହିଁ ବୋଲି ପୌର ପରିଷଦ ଘୋଷଣା କଲା। ସହରର ସମସ୍ତ ଆମିଷ ବ୍ୟବସାୟୀ ଅତ୍ୟାଧୁନିକ ଆମିଷ ବଜାରରେ ବସି ବିକ୍ରିବଟା ଆରମ୍ଭ କଲେ। ହେଲେ ଦୁଇମାସ ନ ବିତୁଣୁ ଏବେ ବ୍ୟବସାୟୀମାନେ ଆମିଷ ବଜାରରୁ ମୁହଁ ଫେରାଇଲେଣି। ପୌର ପରିଷଦର କୋହଳ ମନୋବୃତ୍ତି ଓ ବେପରୁଆ ନୀତି ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆମିଷ ବଜାରରେ ନିର୍ମାଣ କରାଯାଇଥିବା ପିଣ୍ଡିଗୁଡ଼ିକ ଖାଲି ପଡୁଥିବା ଦେଖିବାକୁ ମିଳୁଛି। ରବିବାର ଓ ବୁଧବାର ଆମିଷ ବାରିରେ ବି ୧୦କି ୧୨ ଜଣ ବ୍ୟବସାୟୀଙ୍କୁ ଆମିଷ ବଜାରରେ ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ପିଣ୍ଡି ଖାଲି



ପଡୁଛି। ଚିଲିକା ଫ୍ରେସ୍ ନାଁରେ ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନରେ ଆନ୍ଧ୍ର ମାଛ ବିକ୍ରି


**ରାସ୍ତା କଡ଼ରେ ମାଛ, ମାଂସ ବେପାର**

ହେଉଛି। ବହୁ ସଂଖ୍ୟାରେ ଗ୍ରାହକ ସେଠାରୁ କିଣୁଛନ୍ତି। ସେହିଭଳି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ମାଛ, ମାଂସ ବିକ୍ରି ହେଉଥିବା ବେଳେ ପୌର ପରିଷଦ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏଠାକୁ କିଏ ଆସି କିଣିବ ବୋଲି ମାଛ, ମାଂସ ବ୍ୟବସାୟୀମାନେ କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷେ, ସହର ମଧ୍ୟରେ କୌଣସି ସ୍ଥାନରେ ବସି ଆମିଷ ବିକ୍ରି ଉପରେ କଟକଣା ଲାଗିଥିବାରୁ କିଛି ବ୍ୟବସାୟୀ ସାଇକଲ ଧରି ପ୍ରତି ଗଳିକନ୍ଦିରେ ବୁଲୁଥିବା ଦେଖାଯାଇଛି। ମାଛ, ଅଣ୍ଡା ବ୍ୟବସାୟୀମାନେ ସାଇକଲରେ ବ୍ୟବସାୟ ଆରମ୍ଭ କରିଥିବାରୁ ଖାଉଟି ଆମିଷ ବଜାରକୁ ଯାଉ ନ ଥିବା ଦେଖାଯାଇଛି। ଯେଉଁ କେତେକ ବ୍ୟବସାୟୀ ଆମିଷ ବଜାରରେ ବସୁଛନ୍ତି, ସେମାନେ ମଧ୍ୟ ଧୀରେ ଧୀରେ ବଜାରମୁହାଁ ହେଲେଣି। ନୟାଗଡ଼ ସହରର ପ୍ରମୁଖ ସ୍ଥାନ ରାସ୍ତା ପାର୍ଶ୍ୱରେ ଆମିଷ ବ୍ୟବସାୟୀ ପୁଣି ପସରା ମେଲାଇ ବସିଲେଣି। ପୌର ନିର୍ବାହୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ, ପୌର କର୍ମଚାରୀଙ୍କ ଅବହେଳା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ବସଷ୍ଟାଣ୍ଡ ଅଧପନ୍ତରିଆ କାର୍ଯ୍ୟକ୍ଷମ ହେବା ଭଳି ଆମିଷ ବଜାର ମଧ୍ୟ ଅଧପନ୍ତରିଆ କାର୍ଯ୍ୟକ୍ଷମ ହୋଇଥିବା କୁହାଯାଉଛି।

## ଆଜିଠୁ ରଣପୁର ମହୋତ୍ସବ 'ଅର୍ଜୁନ'

ରଣପୁର,୪ା୧(ସମିସ): ରଣପୁର ମହୋତ୍ସବ "ଅର୍ଜୁନ'-୨୦୨୬ ସୋମବାର ଉଦଘାଟିତ ହେବ। ଏଥିପାଇଁ ରଙ୍ଗୀନ ଆଲୋକରେ ସଜେଇ ହୋଇଛି ରଣପୁର ବାଘସାମନ୍ତ ପଡ଼ିଆ। ଏହାକୁ ମନଭରି ଉପଭୋଗ କରିବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି। ୫ ଦିନିଆ ଏହି ରଣପୁର ମହୋତ୍ସବରେ ମୁକ୍ତାକାଶ ରଙ୍ଗମଞ୍ଚରେ ସୁନାମଧନ୍ୟ କଳାକାର ନୃତ୍ୟଗୀତ ପରିବେଷଣ କରିବେ। ୫ଦିନରେ ୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାମିତ ରଣପୁର ମହୋତ୍ସବ "ଅର୍ଜୁନ' ୫ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ରାତି ୧୧ଟା ପର୍ଯ୍ୟନ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ କୁଇଜ ପ୍ରତିଯୋଗିତା, ଓଡ଼ିଶୀ ଏବଂ ପୁରୁଲିଆ ଛଉନୃତ୍ୟ ସହ ମେଲୋଡି କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି। ସେପଟେ ମହୋତ୍ସବ ସୁଚାରୁରୂପେ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ କଳାକୃତି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଆଶା ରଖିଛି ମହୋତ୍ସବ କମିଟି। ଦର୍ଶକଙ୍କ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କମିଟି ସମ୍ପାଦକ ସ୍ୱରାଜ ମହାନ୍ତି କହିଛନ୍ତି।

## ବଡି ବିଲ୍ଡର ଟ୍ରେନର୍ ଏବେ କୋରିଅର ବୟ



ଭାପୁର,୪ା୧(ସମିସ): ରାଜ୍ୟର ପୁରପଲ୍ଲୀରେ ଅନେକ ପ୍ରତିଭା ଲୋକଲୋଚନକୁ ଆସି ସେମାନଙ୍କ ସୁବାସ ପ୍ରଦାନ କରିବା ପୂର୍ବରୁ ସୁଯୋଗ ଅଭାବରୁ ଝାଉଁଳି ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ବଡି ବିଲଡର ଟ୍ରେନର ଜିତେନ୍ଦ୍ର ମଲ୍ଲିକ ଅନ୍ୟତମ। ଜିତେନ୍ଦ୍ର ନିଜ ପ୍ରତିଭା ପ୍ରଦର୍ଶନ କରି ନ ପାରି ଏବେ ଅଲୋଡ଼ା ହୋଇଯାଇଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ରାକମା ପଞ୍ଚାୟତ ଦୁବପଲ୍ଲୀ ଗ୍ରାମର ସ୍ୱର୍ଗତ ଅମିନ ମଲ୍ଲିକ ଓ ଜାହାଜ ମଲ୍ଲିକଙ୍କ ଏକମାତ୍ର ପୁଅ ଜିତେନ୍ଦ୍ର ପିଲାଦିନରୁ ନିଜ ସୁନ୍ଦର ସ୍ୱାସ୍ଥ୍ୟ ଗଢ଼ିବା ସହ ବଡି ବିଲଡିଂରେ ଦେଶ ପାଇଁ ଗୌରବ ଆଣିବାକୁ ସ୍ୱପ୍ନ ଦେଖିଥିଲେ। ଚାଷୀ ପରିବାରରୁ ଆସିଥିବା ଏହି ଯୁବକ ଗାଁରେ ହାଇସ୍କୁଲ ପାସ କରିବା ପରେ ଭୁବନେଶ୍ୱର ଯାଇ ସେଠାରେ ବଡି ବିଲଡିଂରେ ଲାଗିଲେ। ପ୍ରଥମେ ତୁଷାର ଜିମରେ ନିଜେ ବଡି ବିଲଡିଂ କରିବା ପରେ ଷ୍ଟେ ଫିଟ୍‌ର ମାଲିକ ଜିତେନ୍ଦ୍ରଙ୍କୁ ନିଜ ଜିମ୍‌ରେ ଟ୍ରେନର ଭାବେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିଲେ। ପରେ ସେ ସୁନାମଧନ୍ୟ ଉତ୍କଳ କରାଟେରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଭୁବନେଶ୍ୱରରେ ତିନିଟି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନିଜେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଥିଲେ। ପରେ ସୁଦୂର ମରିସସ ଯାଇ ଟ୍ରେନର ଭାବେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ବାପାଙ୍କ ମୃତ୍ୟୁ ହେବାରୁ ଏକମାତ୍ର ପୁଅକୁ ଏତେ ଦୂର ଛାଡ଼ିବାକୁ ମା' ଅନିଚ୍ଛା ପ୍ରକାଶ କରିଥିଲେ। ପରେ କୋଭିଡ୍ ଆସିଯିବାରୁ ସମସ୍ତ ଟ୍ରେନିଂ ସେଣ୍ଟର ବନ୍ଦ ହୋଇଯାଇଥିଲା ଓ ଜିତେନ୍ଦ୍ର ବେକାର ହୋଇ ଘରକୁ ଫେରିଥିଲେ। ପରେ ଜିତେନ୍ଦ୍ରଙ୍କ ବିବାହ ହୋଇଥିଲା। ଏବେ ଗୋଟିଏ ଝିଅ ଓ ଗୋଟିଏ ପୁଅ ସହ ସ୍ତ୍ରୀ ଓ ବିଧବା ମା'ଙ୍କୁ ନେଇ ପରିବାର ପ୍ରତିପୋଷଣ କରିବା କାଠିକର ହୋଇପଡୁଛି। କୋଭିଡ୍ ସମୟରେ ବେରୋଜଗାର ହୋଇ ଧାର କରଜରେ ବୁଡ଼ି ରହିବା ଯୋଗୁଁ ନିଜର ୧୫ ଗୁଣ୍ଠ ଜମି ବିକ୍ରି କରି କରଜ ଶୁଝିଥିଲେ। ବର୍ତ୍ତମାନ ଏପରି ଅବସ୍ଥା ହୋଇଛି ଯେ ଭାପୁରରେ ଥିବା ଏକ କୋରିଅର ସଂସ୍ଥାରେ ସେ କୋରିଅର ବୟ ଭାବେ କାର୍ଯ୍ୟ କରି ସ୍ୱଳ୍ପ ରୋଜଗାରରେ ପରିବାର ଚଳାଉଛନ୍ତି। ଏପରି ଜଣେ ସୁନାମଧନ୍ୟ ଯୁବକଙ୍କୁ ସରକାରୀ କିମ୍ବା ବେସରକାରୀ ସଂସ୍ଥା ସହଯୋଗର ହାତ ବଢ଼ାଇଲେ ସେ ଅଞ୍ଚଳ ତଥା ରାଜ୍ୟ ପାଇଁ ଗୌରବ ଆଣିପାରନ୍ତେ।

## ଶିକ୍ଷକ ଓ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗଣିଆ,୪ା୧(ସମିସ): ଗଣିଆ ବ୍ଲକର ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ଭବନ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ନିରୁପମା ମହାପାତ୍ର, ଶିକ୍ଷକ ସଂଘ ସଭାପତି ବିଜୟ କୁମାର ମହାରଣା, ଶିକ୍ଷାବିତ ରାମଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବାମନ ଚରଣ ବାରିକି ମଞ୍ଚ ପରିଚାଳନା କରିଥିଲେ। ପ୍ରାଥମିକ ସଂଘ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ, ଶିକ୍ଷକ ପ୍ରହଲ୍ଲାଦ ଦଳେଇ, ଶଙ୍କର୍ଷଣ ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ରାସବିହାରୀ ମୁଦୁଲି, ପ୍ରମୋଦ କୁମାର ସ୍ୱାଇଁ, ସ୍ୱର୍ଣ୍ଣଲତା ଦାଶ, ପ୍ରଶାନ୍ତ କୁମାର ସାହୁ, ବିରଞ୍ଚି କୁମାର ରାଉତ, ପ୍ରଫୁଲ୍ଲ କୁମାର ମହାନ୍ତି, ସୁବାସ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଚୀନ କୁମାର ହୋତା, ଅକ୍ଷୟ କୁମାର ସାହୁଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଗଣିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗିରୀଶ କୁମାର ମିଶ୍ରଙ୍କ ସମେତ ବ୍ଲକର ବହୁ ଶିକ୍ଷାବିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସଂଘ ସମ୍ପାଦକ ସୁରେଶ କୁମାର ବେହେରା, ସୁନୀଲ କୁମାର ସାହୁ, ଶୋଭନ କୁମାର ପଣ୍ଡା, ପ୍ରତାପ କୁମାର ପାଣିଗ୍ରାହୀ, ଶରତ କୁମାର ଜେନାଙ୍କ ସମେତ ୧୦୦ରୁ ଅଧିକ ଶିକ୍ଷକ ଉପସ୍ଥିତ ଥିଲେ।

### ଗଞ୍ଜାମ ସୀମାନ୍ତରେ ଚୋରି ବୃଦ୍ଧି

## ଭଗବତୀପ୍ରସାଦ ଅଞ୍ଚଳବାସୀ ଭୟଭୀତ

ଓଡ଼ଗାଁ,୪ା୧(ସମିସ): ନୟାଗଡ଼ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଗ୍ରାମଗୁଡ଼ିକରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଯାହାକୁ ନେଇ ଭଗବତୀପ୍ରସାଦ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଗାଁରେ ଶନିବାର ବିଳମ୍ବିତ ରାତିରେ ଚୋର ପଶି ଦୁଇ ଘରୁ ସବୁକିଛି ଚୋରି କରିନେଇଛନ୍ତି। ଅଭିଯୋଗ ପାଇ ଓଡ଼ଗାଁ ଥାନା ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି। ଭଗବତୀପ୍ରସାଦ ଗାଁର ପାଣୁ ସେଠୀ ଭୁବନେଶ୍ୱରରେ ପରିବାର ସହ ରହି ସେଠାରେ କାମ କରନ୍ତି। ଟୁକୁନା ସେଠୀ (୩୫) ଅସୁସ୍ଥତା ଯୋଗୁଁ ଡାକ୍ତରଖାନାରେ ଥିବା ବେଳେ ଉଭୟଙ୍କ ଘରେ ତାଲା ପଡ଼ିଥିଲା। ଏହାର ସୁଯୋଗରେ ଚୋର ଶନିବାର ରାତିରେ ଗ୍ରୀଲ ତାଲା ଭାଙ୍ଗି ଘରର ଆସବାବପତ୍ର ସବୁ ଚୋରି କରିନେବା ସହ ଅଧିକ ସମ୍ପତ୍ତି ପାଇବା ଲୋଭରେ ଖଟ ଆଲମିରାର ସାମଗ୍ରୀକୁ ଏଣେ ତେଣେ ଫିଙ୍ଗି ଦେଇଛନ୍ତି। ଗତ ଡିସେମ୍ବର ୧୩ ତାରିଖରେ ସୁନାମୁହିଁ ପଞ୍ଚାୟତ ଲୁଣି ଗ୍ରାମରେ ଓ ୧୬ ତାରିଖ ବାହାଡ଼ାଝୋଲାରେ ଲକ୍ଷାଧିକ ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶନିବାର କେବଳ ଭଗବତୀ ପ୍ରସାଦ ନୁହେଁ ବରଂ ଆଖପାଖ ଅଞ୍ଚଳରେ ଚୋରମାନେ ଚୋରି ଉଦ୍ୟମ କରୁଥିବା ବେଳେ କୋଳାହଳ ଶୁଣି ଚମ୍ପଟ ମାରିଥିଲେ। ଗଞ୍ଜାମ ଜିଲ୍ଲା ସୀମାକୁ ଲାଗି ରହିଥିବା ନୟାଗଡ଼ ଜିଲ୍ଲାର ଉକ୍ତ ଗାଁଗୁଡ଼ିକରେ ଏବେ ସନ୍ଧ୍ୟା ହେଲେ ତାଟିକବାଟ ପଡୁଛି। ଭୟରେ ଲୋକେ ଠେଙ୍ଗା ପାଳି କରି ଜଗିବାକୁ ଯୋଜନା କରୁଛନ୍ତି। ତେବେ ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲା ପୁଲିସ ଏନେଇ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କଲେ ଚୋରିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି।

**ମାସକ ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ଘରୁ ଚୋରି**

**ଲୁଟିଲେଣି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ସାମଗ୍ରୀ**



### ଅର୍ଜୁନ ସର ପୁନରୁଦ୍ଧାର ସମୀକ୍ଷାକୁ ପୂରିଲା ବର୍ଷେ

## ସମ୍ପୂର୍ଣ୍ଣ ହୋଇନି ଡିପିଆର, କେବେ ହେବ ଟେଣ୍ଡର?



ଖଣ୍ଡପଡ଼ା,୪ା୧(ସମିସ): ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବା ନିମନ୍ତେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ଏବଂ ଡ୍ରେନେଜ ବିଭାଗ ଅଧିକାରୀମାନେ ଖଣ୍ଡପଡ଼ା ଗସ୍ତରେ ଆସିଥିଲେ। ତେବେ ଇତିମଧ୍ୟରେ ବର୍ଷେ ବିତିଥିଲେ ସୁଦ୍ଧା ଦେଇଥିବା ପ୍ରତିଶ୍ରୁତିରୁ କାଣିଚିଏ ବି କାର୍ଯ୍ୟକାରୀ ହୋଇନାହିଁ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ବର୍ଷକ ପୂର୍ବେ ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ତନ୍ମଧ୍ୟରୁ ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତରେ ଥିବା ଅକୁରାବନ୍ଧ ଗାଁର ଅର୍ଜୁନ ସର ହ୍ରଦକୁ ନିକଟରୁ ଦେଖିବା ସହ ଏହାର ପୁନରୁଦ୍ଧାର ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ଖୋଦ ଡ୍ରେନେଜ ବିଭାଗ ଅଧିକାରୀ ସୂଚନା ଦେଇଥିଲେ। ଏଥିସହ ଖଣ୍ଡପଡ଼ା ଅଞ୍ଚଳରେ ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ କରାଯିବା ସହ ନୂତନ ପ୍ରକଳ୍ପମାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ପରିଦର୍ଶନ ସମୟରେ ଅଧିକ୍ଷଣ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ନୟାଗଡ଼ ଜଳସମ୍ପଦ ବିଭାଗ ଯନ୍ତ୍ରୀ ପ୍ରୀତମ କୁମାର ପୋଥାଳ, ନୟାଗଡ଼ ଏସଡିଓ ଆଶିଷ କୁମାର ସେଠୀ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ବେହେରା, ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ବାରିକ ପ୍ରମୁଖ ସାମିଲ ଥିଲେ। ମାତ୍ର ବିଡ଼ମ୍ବନାର ବିଷୟ, ବହୁ ପ୍ରତୀକ୍ଷିତ ଅର୍ଜୁନ ସର ପୁନରୁଦ୍ଧାର ପାଇଁ ଏଯାବତ ମାତ୍ର ୫୦ ପ୍ରତିଶତରୁ କମ୍ ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ସମ୍ପୂର୍ଣ୍ଣ ଏରିଆ ଚିହ୍ନଟ ହୋଇପାରି ନ ଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ମୁଖ୍ୟତଃ ଏହାର ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ହୋଇ ନ ଥିବା ମଧ୍ୟ ସୂଚନା ମିଳିଛି। କେବେ ଏହାର ସମ୍ପୂର୍ଣ୍ଣ ମାପଚୁପ, ପରୀକ୍ଷଣ କାର୍ଯ୍ୟ ସହ ଟେଣ୍ଡର ପ୍ରକ୍ରିୟା ହେବ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମ ସୁବିଧା ଥାଇ ମଧ୍ୟ ହନ୍ତସନ୍ତ ହେଉଛନ୍ତି ସିଧାମୂଳା ପଞ୍ଚାୟତ ଏକାଧିକ ଗ୍ରାମର ଲୋକେ। ଜୀବନ ଜିଇଁବା ପାଇଁ ଆବଶ୍ୟକ ବିଶୁଦ୍ଧ ପାନୀୟ ଜଳ ମିଳୁ ନ ଥିବା ବେଳେ ଗାଁର ଜୀବନରେଖା ଭାବେ ପରିଚିତ ଅର୍ଜୁନସର ଏବେ ଜହର ପାଲଟି ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

# ମାଘମେଳା ପାର୍କିଂସ୍ଥଳ ଡ୍ରେନେଜ ଓ ପରିମଳ ସ୍ଥିତି ଗମ୍ଭୀର







ଖଣ୍ଡପଡ଼ା/କଣ୍ଟିଲୋ,୪ା୧(ସମିସ)

- ନିଘୋଡ଼ ନିଦ୍ରାରେ ଦେବୋତ୍ତର ବିଭାଗ
- ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଭଳି ଐତିହାସିକ ତୀର୍ଥସ୍ଥାନରେ ଡ୍ରେନେଜ ଓ ପରିମଳ ସ୍ଥିତି ଖୁବ ଗମ୍ଭୀର ହୋଇପଡ଼ିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବଙ୍କ କ୍ଷେତ୍ରକୁ ଦୈନନ୍ଦିନ ହଜାର ହଜାର ଶ୍ରଦ୍ଧାଳୁ ଛୁଟି ଆସିଥାନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏଠାକାର ଭିତ୍ତିଭୂମି ଏବଂ ପାରିପାର୍ଶ୍ୱିକ ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ପୂର୍ବ ସରକାର ମାଧବ କ୍ଷେତ୍ରର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ଦେବୋତ୍ତର ବିଭାଗ ଅଧୀନରେ ଥିବା ମାଘମେଳା ଯାତ୍ରା ପଡ଼ିଆ ପାର୍କିଂସ୍ଥଳର ଡ୍ରେନେଜ ଓ ପରିମଳ ଅବସ୍ଥା ଜରାଜୀର୍ଣ୍ଣ ସହ ପୂତିଗନ୍ଧମୟ ହୋଇପଡ଼ିଛି। ଫଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଅଳିଆ ଆବର୍ଜନା ଭର୍ତ୍ତି କଣ୍ଟିଲୋ ତୀର୍ଥ କ୍ଷେତ୍ରକୁ ଦେଖି ନାକ ଟେକୁଛନ୍ତି।

ପାର୍କିଂସ୍ଥଳରେ ଯାତ୍ରୀଙ୍କ ରୋଷେଇ ନିମନ୍ତେ ପାନୀୟଜଳ ବ୍ୟବସ୍ଥା କରାଯାଇଥିବା ସ୍ଥାନ ଆବର୍ଜନାମୟ ହୋଇଯାଇଛି। ପନିପରିବା ଚୋପା ଓ ବଳକା ଖାଦ୍ୟ ପଚିଶଢ଼ି ଦୁର୍ଗନ୍ଧରେ ନାକ ଫାଟୁଛି। ଏଠାରେ ପ୍ରତିଦିନ ଭୋଜିଭାତ ହେଉଥିବା ସତ୍ତ୍ୱେ ଦେବୋତ୍ତର ବିଭାଗ ପକ୍ଷରୁ ଡଷ୍ଟବିନ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ବ୍ୟବହୃତ ଖଲି, ଠୁଙ୍ଗା, ପଲିଥିନ, ପାଣି ବଟଲ ଆଦି କୁଢ଼ କୁଢ଼ ଆବର୍ଜନା ସବୁ ପିଣ୍ଡି ଓ ପାର୍କିଂସ୍ଥାନରେ ପଡ଼ି ରହୁଛି। ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପଡ଼ିଆ ଚାରିପାଖରେ ଆବର୍ଜନା ସବୁ ଏଣେତେଣେ ପଡୁଛି।

ମିଳିଥିବା ସୂଚନା ଅନୁଯାୟୀ ପାର୍କିଂସ୍ଥଳ ନିଲାମଧାରୀଙ୍କଠାରୁ ଦେବୋତ୍ତର ବିଭାଗ ପ୍ରାୟ ୨୧ ଲକ୍ଷ ଟଙ୍କା ଅସୁଲ କରିଥିବା ବେଳେ ପରିମଳ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କଣ୍ଟିଲୋ ଭଳି ଐତିହ୍ୟସମ୍ପନ୍ନ ସ୍ଥାନର ଏଭଳି ବିକଳ ଚିତ୍ରକୁ ଦେଖି ପର୍ଯ୍ୟଟକମାନେ ଏଠିକାର ପ୍ରଶାସନ, ବିଧାୟକଙ୍କୁ ଦୃଢ଼ ନିନ୍ଦା କରିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ କଣ୍ଟିଲୋକୁ ଶାସକ ଦଳର ନେତା ଓ ମନ୍ତ୍ରୀମାନଙ୍କର ଘନ ଘନ ଗସ୍ତ ହେଉଥିବା ବେଳେ ପରିମଳ ପ୍ରତି କାହାର ଦୃଷ୍ଟି ପଡୁ ନ ଥିବାରୁ ଜନସାଧାରଣ ଓ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଦେବୋତ୍ତର ବିଭାଗ ନିଲାମଧାରୀଙ୍କଠାରୁ ଅସୁଲ କରିଥିବା ଟଙ୍କା ବିନିଯୋଗ କରି ପାର୍କିଂସ୍ଥଳରେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଦୃଢ଼ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଦେବୋତ୍ତର ବିଭାଗକୁ ତାଗିଦ କରିବାକୁ ସାଧାରଣରେ ଦାବି ହୋଇଛି।

